ଓଡିଶା ରାଜ୍ୟ ଅର୍ଥ ନିଗମ
ଓ.ଏମ.ପି ଛକ, କଟକ - ୭୫୩୦୦୩

# ବିକ୍ରୟ ବିଜ୍ଞାପନ

ବିଜ୍ଞାପନ ନଂ·DDAC/୦୩/୧୬-୧୭ ତା ୦୯/୦୨/୨୦୧୭

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦ ଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୨୨/୦୨/୨୦୧୭ ସମୟ ଦିବା ୧୧·୩୦ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ୍, ଆଇ·ଆର୍·ସି ଭିଲେଜ୍ ,ଭୁବନେଶ୍ୱର ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ୱାରା ନିମ୍ନୋକ୍ତ ଜବତ ସଂପତ୍ତିକୁ "ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି । ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ, ବିକ୍ରୟର ନିୟମ ଓ ସର୍ତ୍ତାବଳୀ, ସ୍ଥାବର/ଅସ୍ଥାବର ସଂପତ୍ତିର ବିଶଦ ବିବରଣୀ ଟେଣ୍ଡର ପକାଇବାର ପ୍ରଣାଳୀ ଇତ୍ୟାଦି ଗୁଡିକ ଆମ୍ଭର ୱେବ୍ ସାଇଟ୍ **www.osfcindia.com** ରୁ ସଂଗ୍ରହ କରି ହେବ । ଟେଣ୍ଡର ଫର୍ମ କୁ ସଠିକ୍ ଭାବେ ପୂରଣ କରି ତା ୨୧/୦୨/୨୦୧୭ ସମୟ ୫ ଘଟିକା ମଧ୍ୟରେ ଆମ୍ଭ କଟକ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ପକାଇବାକୁ ହେବ କିମ୍ବା Registered Post/ Speed Post ମାଧ୍ୟମରେ ତଳଲିଖିତ ଠିକଣାରେ ପଠାଇ ପାରିବେ । କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୂରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ୱିକୃତ ପ୍ରତିନିଧି ମାଧ୍ୟମରେ **DDAC** ରେ ଉପସ୍ଥିତ ହେବେ ଏବଂ ଯେଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସ- ତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ/ପେ ଅର୍ଡର/ବ୍ୟାଙ୍କର ଚେକ୍/ନଗଦ ଟଙ୍କା ଜମା ଭାବେ ଦେବାକୁ ହେବ । ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ । ବିକ୍ରୟ ସ- ତ୍ତିର ବଳକା ଦେୟ ପତ୍ର ମାଧ୍ୟମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ । ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ୍ୟ ନିଗମ ବ୍ୟାଜ୍ୟାପ୍ତି କରିପାରିବ ।

ଉକ୍ତ ସ- ତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ୍ୟ ନିଗମ ଉକ୍ତ ସ- ତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ ।

ବିକ୍ରୟ ସ- ତ୍ତିର ବିବରଣୀ

| କ୍ରମାଙ୍କ | ଶିଳ୍ପର / ଋଣ ଗ୍ରହିତାଙ୍କ ନାମ /ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|
| ୦୧ | ମେସର୍ସ ରାଧା ଇଣ୍ଡଷ୍ଟ୍ରିଜ୍, ମୌ -ଭେଟନଇ, ଆସ୍କା, ଗଞ୍ଜାମ (ଜ·ଗୃ·କ) ସଂ·ମୂ - ଟ·୨୫·୯୬ ଲକ୍ଷ (ବ୍ରହ୍ମପୁର ଶାଖା) | ଟ· ୧,୩୦,୦୦୦/- |
| ୦୨ | ଶ୍ରୀ ଭେଙ୍କଟରତ୍ନମ୍ ପ୍ୟାକେଜ୍ ଇଣ୍ଡଷ୍ଟ୍ରିଜ୍ ମୌ- ଭାବନ୍ଧ, ପୁରୁଷୋତ୍ତମପୁର, ଗଂଜାମ ଙ୍କ ସ୍ଥାବର ସଂପତ୍ତି **(Collteral Security)** (ଜ·) Ac.0.05 dec. ସଂ·ମୂ - ଟ· ୦·୭୦ ଲକ୍ଷ (ବ୍ରହ୍ମପୁର ଶାଖା) | ଟ· ୩,୫୦୦/- |
| ୦୩ | ମେସର୍ସ ପ୍ରତାପ ଏଣ୍ଟରପ୍ରାଇଜରସ୍, ବେନୁପୁର, ବାଲିକୁଦା, ଜଗତ୍ସିଂହପୁର (ଜ·) ସଂ·ମୂ - ଟ· ୬·୫୦ ଲକ୍ଷ (ପାରାଦୀପ୍ ଶାଖା) | ଟ· ୩୨,୫୦୦/- |
| ୦୪ | ଶ୍ରୀମତୀ ପ୍ରତିମା ମଲ୍ଲିକ ଙ୍କ **Diesel Car No. OR-02-F-5554, (kept at Central Garage, Cuttack)** ସଂ·ମୂ - ଟ· ୦·୪୦ ଲକ୍ଷ (ପାରାଦୀପ୍ ଶାଖା) | ଟ· ୨,୦୦୦/- |
| ୦୫ | ଶ୍ରୀ ଅରୁଣ କୁମାର ବେହେରା ଙ୍କ **HMT Tractor & Trolley No. OR-04C-0915 & 0916, 2001 model ( kept at Central Garage, Cuttack)** ସଂ·ମୂ - ଟ· ୦·୮୦ ଲକ୍ଷ (ପାରାଦୀପ୍ ଶାଖା) | ଟ· ୪,୦୦୦/- |
| ୦୬ | ଶ୍ରୀ ଶାନ୍ତନୁ କୁମାର ମହାନ୍ତିଙ୍କ **A L Bus No. OR-05F-1115 (kept at Central Garage, Cuttack)** ସଂ·ମୂ - ଟ· ୧·୫୦ ଲକ୍ଷ (ପାରାଦୀପ୍ ଶାଖା) | ଟ· ୭,୫୦୦/- |
| ୦୭ | ଶ୍ରୀ ରବିନ୍ଦ୍ର କୁମାର ସାମଲ ଙ୍କ **Tata Truck No. OR-04-E-1818 , 2004 model (kept at Central Garage, Cuttack)** ସଂ·ମୂ-ଟ·୧·୮୦ ଲକ୍ଷ (ପାରାଦୀପ୍ ଶାଖା) | ଟ· ୯,୦୦୦/- |

ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ଏତଦ୍ୱାରା ବିଜ୍ଞାପନ ଜାରି ମାଧ୍ୟମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ୱିକୃତପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନ ରେ ହାଜର ହୋଇ ଋଣ ପରିଶୋଧ କରି ସେମାନଙ୍କର ଜବତ ସ- ତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ । ସେ ମଧ୍ୟ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗାଡ କରି ଓ ଉପର ବିହିତ ମାଧ୍ୟମରେ ଟେଣ୍ଡର ପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସ- ତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ । ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବଯେ ସେମାନଙ୍କର ସ- ତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ । ନିଗମ ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ ।

ବିକ୍ରୟ ବିଜ୍ଞାପନ ଏବଂ ୱେବ୍ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତୃଟି ମାର୍ଜ୍ଜନୀୟ ।

ବି:ଦ୍ର -
ଜ·ଗୃ·କ - ଜମି, ଗୃହ ଓ କଳକବ୍ଜା
ସଂ ମୂ - ସଂରକ୍ଷିତ ମୂଲ୍ୟ

ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ
ଉପସାଧାରଣ ପରିଚାଳକ (ଋଣ ଆଦାୟ ବିଭାଗ)
ଓଡିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ.ପି ଛକ, କଟକ - ୩